# କିଶୋର ନ୍ୟାୟ (ବାଳୁତଙ୍କ ଯତ୍ନ ଓ ସୁରକ୍ଷା) ନିୟମାବଳୀ, ୨୦୦୭

*[ଦ୍ରଷ୍ଟବ୍ୟ : ଜି.ଏସ୍.ଆର୍.୬୭୯ (ଇ), ତା ୨୬ ଅକ୍ଟୋବର ୨୦୦୭,*
*ଭାରତର ଅସାଧାରଣ ଗେଜେଟ୍, ଭାଗ-୨, ଅନୁବିଭାଗ ୩(୧), ତା ୨୬ ଅକ୍ଟୋବର ୨୦୦୭ରେ ପ୍ରକାଶିତ]*

**[କିଶୋର ନ୍ୟାୟ (ବାଳୁତଙ୍କ ଯତ୍ନ ଓ ସୁରକ୍ଷା) ଆଇନ୍ ୨୦୦୦ (୨୦୦୦ର ଆଇନ୍ ସଂଖ୍ୟା ୫୬)**
**(ସଂଶୋଧନ ଆଇନ୍ ୨୦୦୬ର ସଂଖ୍ୟା ୩୩ ଅନୁଯାୟୀ ସଂଶୋଧିତ ହୋଇଥିବା ମତେ) ଅଧୀନରେ**
**ରାଜ୍ୟମାନଙ୍କ ଦ୍ୱାରା ପ୍ରୟୋଗାର୍ଥେ ପ୍ରଣୀତ]**

***[ସୂଚୀତ ଆଇନ୍‌ର ପ୍ରକୃତ ଭାବ ଓ ମର୍ମ ଅନୁଯାୟୀ ଏହାର ବ୍ୟବସ୍ଥାଗୁଡିକର ଉତ୍କୃଷ୍ଟତର***
***କାର୍ଯ୍ୟକାରିତା ଏବଂ ପ୍ରଶାସନ ଉଦ୍ଦେଶ୍ୟରେ]***

**ଯେହେତୁ** ଭାରତର ସମ୍ବିଧାନ ଧାରା ୧୫ ଅଧୀନସ୍ଥ ଉପଧାରା (୩), ଧାରା ୨୧, ଧାରା ୨୧-ଏ, ଧାରା ୨୨ର ଉପଧାରା (୧) ଓ ଉପଧାରା (୨), ଧାରା ୨୩, ଧାରା ୨୪, ଧାରା ୩୯ର ଉପଧାରା (ଇ) ଏବଂ (ଏଫ୍), ଧାରା ୩୯-ଏ, ଧାରା ୪୫, ୪୭ ଏବଂ ୫୧-ଏ(କେ) ସମେତ ଏହାର ବିଭିନ୍ନ ପ୍ରାବ୍ଧାନଗୁଡିକରେ ବାଳୁତମାନଙ୍କର ସମସ୍ତ ପ୍ରକାର ଆବଶ୍ୟକତା ଯେପରି ପୂରଣ ହୁଏ ତଥା ସେମାନଙ୍କର ମୌଳିକ ମାନବିକ ଅଧିକାରଗୁଡିକ ଯେପରି ସମ୍ପୂର୍ଣ୍ଣରୂପେ ସୁରକ୍ଷିତ ରହେ, ତାହାକୁ ସୁନିଶ୍ଚିତ କରାଇବାର ପ୍ରାଥମିକ ଦାୟିତ୍ୱ ରାଷ୍ଟ୍ର ଉପରେ ନ୍ୟସ୍ତ କରିଛି ;

**ଏବଂ ଯେହେତୁ** ମିଳିତ ଜାତିସଂଘର ସାଧାରଣ ସଭା ଦ୍ୱାରା ବାଳୁତର ଅଧିକାର ଉପରେ ୨୦ ନଭେମ୍ବର ୧୯୮୯ ତାରିଖରେ ଗୃହୀତ ହୋଇଥିବା ତଥା ୧୧ ଡିସେମ୍ବର ୧୯୯୨ ତାରିଖରେ ଭାରତ ସରକାରଙ୍କ ଦ୍ୱାରା ସହସ୍ୱାକ୍ଷରିତ ହୋଇଥିବା ଘୋଷଣାନାମାରେ ବାଳୁତମାନଙ୍କର ଜୀବନ-ରକ୍ଷା, ବିକାଶ, ସୁରକ୍ଷା ଏବଂ ଅଂଶଗ୍ରହଣ ପାଇଁ ଅଧିକାରକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ବାଳୁତମାନଙ୍କୁ ଅଧିକାର ଅର୍ପଣ, କିଶୋରମାନଙ୍କର ପୁନଃ-ସଙ୍ଗତୀକରଣ ଏବଂ ଶରଵ୍ୟ ବାଳୁତମାନଙ୍କର ଯତ୍ନ ଏବଂ ସୁରକ୍ଷା ଉପରେ ପ୍ରାଧାନ୍ୟ ଆରୋପ କରିଛି;

**ଏବଂ ଯେହେତୁ,** କିଶୋର-ନ୍ୟାୟ ପ୍ରଶାସନ ପାଇଁ ଉଦ୍ଦିଷ୍ଟ ମିଳିତ ଜାତିସଂଘର ସାର୍ବଜନୀନ ସର୍ବନିମ୍ନ ମାନକ ନିୟମାବଳୀ ୧୯୮୫ (ବେଜିଙ୍ଗ୍ ନିୟମାବଳୀ), ଏବଂ ସ୍ୱାଧିନତାରୁ ବଞ୍ଚିତ କିଶୋରଗଣଙ୍କ ସୁରକ୍ଷାର୍ଥେ ଉଦ୍ଦିଷ୍ଟ ମିଳିତ ଜାତିସଂଘର ନିୟମାବଳୀ ୧୯୯୦ ଦ୍ୱାରା ଆଇନ୍ ସହ ଦ୍ୱନ୍ଦ୍ୱରତ କିଶୋରମାନଙ୍କ କ୍ଷେତ୍ରରେ କିଶୋରନ୍ୟାୟ ପ୍ରଶାସନ ପାଇଁ କେଉଁ ସର୍ବନିମ୍ନ ମାନଦଣ୍ଡ ଅନୁପାଳିତ ହେବ, ତାହା ନିର୍ଦ୍ଧାରିତ ହୋଇସାରିଛି ;

**ଏବଂ ଯେହେତୁ,** କିଶୋର ଦୁଷ୍କର୍ମର ନିବାରଣ ପାଇଁ ମିଳିତ ଜାତିସଂଘର ମାର୍ଗଦର୍ଶୀକା (ରିଆଦ୍ ମାର୍ଗଦର୍ଶୀକା) ଏବଂ ଅନ୍ୟାନ୍ୟ ସମସ୍ତ ପ୍ରାସଙ୍ଗିକ ଆନ୍ତର୍ଜାତିକ ବିଧିବିଧାନ କିଶୋର ଦୁଷ୍କର୍ମର ନିବାରଣ ଉପରେ ଅଗ୍ରାଧିକାର ଦେବା ସହିତ ମାର୍ଗଦର୍ଶୀକା ଘୋଷଣା କରିସାରିଛି ;

**ଏବଂ ଯେହେତୁ,** ସମ୍ବିଧାନ ଓ ସଂପୃକ୍ତ ଆନ୍ତର୍ଜାତିକ ବିଧିବିଧାନର ବ୍ୟବସ୍ଥାସମୂହକୁ କାର୍ଯ୍ୟରୂପ ଦେବା ଲକ୍ଷ୍ୟରେ କିଶୋର ନ୍ୟାୟ (ବାଳୁତମାନଙ୍କ ଯତ୍ନ ଓ ସୁରକ୍ଷା) ସଂଶୋଧନ ଆଇନ୍ ୨୦୦୬ (୨୦୦୬ର ଆଇନ୍ ସଂଖ୍ୟା ୩୩) ଅନୁଯାୟୀ ସଂଶୋଧିତ ହୋଇଥିବା କିଶୋର ନ୍ୟାୟ (ବାଳୁତମାନଙ୍କ ଯତ୍ନ ଓ ସୁରକ୍ଷା) ଆଇନ୍ ୨୦୦୦ (୨୦୦୦ର ଆଇନ୍ ସଂଖ୍ୟା ୫୬)ର ଆଇନ୍‌ର ପ୍ରଣୟନ କରାଯାଇଛି, ଯାହାର ଲକ୍ଷ୍ୟ ହେଲା, ଆଇନ୍ ସହିତ ଦ୍ୱନ୍ଦ୍ୱଗ୍ରସ୍ତ କିଶୋର ତଥା ଯତ୍ନ ଓ ସୁରକ୍ଷା ଲୋଡୁଥିବା ବାଳୁତମାନଙ୍କ ଅଭିବୃଦ୍ଧିର ପ୍ରୟୋଜନାର୍ଥେ ସେମାନଙ୍କର ଉପଯୁକ୍ତ ଯତ୍ନ, ସୁରକ୍ଷା ଓ ଚିକିତ୍ସା ପାଇଁ ବ୍ୟବସ୍ଥା କରିବା, ତଥା ବାଳୁତମାନଙ୍କ ସର୍ବୋତ୍ତମ ସ୍ୱାର୍ଥ ଏବଂ କଥିତ ଆଇନ୍‌ରେ ବର୍ଣ୍ଣିତ ହୋଇଥିବା ବିଭିନ୍ନ ଆନୁଷ୍ଠାନିକ ଏବଂ ଅଣ-ଆନୁଷ୍ଠାନିକ କାର୍ଯ୍ୟକ୍ରମ ମାଧ୍ୟମରେ ସେମାନଙ୍କର ଚୂଡାନ୍ତ ଥଇଥାନକୁ ଧ୍ୟାନରେ ରଖି ସଂପୃକ୍ତ ବା ଆନୁଷଙ୍ଗିକ ମାମଲାଗୁଡିକର ବିଚାରଣା ଏବଂ ଫଇସଲା କ୍ଷେତ୍ରରେ ଏକ ବାଳୁତ-ମିତ୍ର ଦୃଷ୍ଟିଭଙ୍ଗୀ ଗ୍ରହଣ କରିବା ବ୍ୟାପାରରେ ପ୍ରଚଳିତ ଆଇନ୍‌କୁ ସୁସଂହତ ଏବଂ ସଂଶୋଧନ କରିବା;

ତେଣୁ ବର୍ତ୍ତମାନ ଉକ୍ତ ଆଇନ୍‌ର ପ୍ରକୃତ ଭାବ ଓ ସାରମର୍ମ ଅନୁଯାୟୀ ତହିଁର ପ୍ରାବ୍‌ଧାନସମୂହର ଉତ୍କୃଷ୍ଟତର କାର୍ଯ୍ୟାନ୍ୱୟନ ଏବଂ ପ୍ରଶାସନକୁ ବାସ୍ତବାୟନ କରିବା ଲକ୍ଷ୍ୟରେ କେନ୍ଦ୍ର ସରକାର ଉପରୋକ୍ତ ପ୍ରାବ୍‌ଧାନସମୂହର ଉଦ୍ଦେଶ୍ୟାର୍ଥେ ତଥା କିଶୋର ନ୍ୟାୟ (ବାଳୁତମାନଙ୍କ ଯତ୍ନ ଓ ସୁରକ୍ଷା) ଆଇନ୍ ୨୦୦୦ (୨୦୦୦ର ଆଇନ୍ ସଂଖ୍ୟା ୫୬)ର ଧାରା ୬୮ ଅନ୍ତର୍ଗତ ଉପଧାରା (୧)ର ପରନ୍ତୁକ ଅଧୀନରେ ନ୍ୟସ୍ତ ହୋଇଥିବା କ୍ଷମତାବଳୀର ପ୍ରୟୋଗାର୍ଥେ କିଶୋର ନ୍ୟାୟର ପ୍ରଶାସନ କ୍ଷେତ୍ରରେ ପ୍ରଯୁଜ୍ୟ ହେବାକୁ ଥିବା ନିୟମାବଳୀ ତଥା ମୌଳିକ ନୀତିସମୂହ ନିମ୍ନ ମତେ ପ୍ରଣୟନ କରୁଛନ୍ତି, ଯଥା :-

## ଅଧ୍ୟାୟ-୧ : ପ୍ରାରମ୍ଭିକ

**୧. ସଂକ୍ଷିପ୍ତ ଶିରୋନାମା ଏବଂ ପ୍ରାରମ୍ଭ -**

(୧) ଏହି ନିୟମାବଳୀକୁ କିଶୋର ନ୍ୟାୟ (ବାଳୁତଙ୍କ ଯତ୍ନ ଓ ସୁରକ୍ଷା) ନିୟମାବଳୀ, ୨୦୦୭ କୁହାଯାଇପାରେ ।

(୨) ଏହା ସରକାରୀ ଗେଜେଟ୍‌ରେ ପ୍ରକାଶ ପାଇବା ତାରିଖ ଠାରୁ ବଳବତ୍ତର ହେବ ।

**୨. ସଂଜ୍ଞାମାନ-**

ଯଦି ପରିପ୍ରେକ୍ଷୀ ଅନ୍ୟଥା ଆବଶ୍ୟକ କରୁନଥାଏ, ତେବେ -

(ଏ) 'ପରିତ୍ୟକ୍ତ' କହିଲେ ସେହି ନିଃସହାୟ ଏବଂ ବର୍ଜିତ ବାଳୁତକୁ ବୁଝାଇବ, ଯାହାକୁ କମିଟି ଯଥାବିଧି ଅନୁସନ୍ଧାନ କଲାପରେ ପରିତ୍ୟକ୍ତ ବୋଲି ଘୋଷଣା କରିଥିବେ ;

(ବି) 'ଆଇନ୍' କହିଲେ କିଶୋର ନ୍ୟାୟ (ବାଳୁତମାନଙ୍କ ଯତ୍ନ ଓ ସୁରକ୍ଷା) ସଂଶୋଧନ ଆଇନ୍ ୨୦୦୬ (୨୦୦୬ର ଆଇନ୍ ସଂଖ୍ୟା ୩୩) ଅନୁଯାୟୀ ସଂଶୋଧିତ ହୋଇଥିବା କିଶୋର ନ୍ୟାୟ (ବାଳୁତମାନଙ୍କ ଯତ୍ନ ଓ ସୁରକ୍ଷା) ଆଇନ୍ ୨୦୦୦ (୨୦୦୦ର ଆଇନ୍ ସଂଖ୍ୟା ୫୬) ;

(ସି) 'ବାଳୁତର ସର୍ବୋତ୍ତମ ସ୍ୱାର୍ଥ' କହିଲେ ଗୋଟିଏ କିଶୋର ବା ଶିଶୁର ଦୈହିକ, ଭାବାବେଗଗତ, ବୌଦ୍ଧିକ, ସାମାଜିକ ଏବଂ ନୈତିକ ବିକାଶକୁ ସୁନିଶ୍ଚିତ କରିବା ପାଇଁ ନିଆଯାଇଥିବା ଏକ ନିଷ୍ପତ୍ତି;

(ଡି) 'ବାଳୁତ ମିତ୍ର' କହିଲେ ଯେ କୌଣସି କାର୍ଯ୍ୟଧାରା ଏବଂ ବ୍ୟାଖ୍ୟା, ମନୋଭାବ, ପରିବେଶ ଏବଂ ଆଚରଣ, ଯାହାକି ମାନବିକ, ବିଚାରସମ୍ମତ ତଥା ବାଳୁତର ସର୍ବୋତ୍ତମ ସ୍ୱାର୍ଥ ପାଇଁ ଅଭିପ୍ରେତ ହୋଇଥାଏ ;

(ଇ) 'ସମୂହ ସେବାକାର୍ଯ୍ୟ'ର ତାତ୍ପର୍ଯ୍ୟ ହେଲା, ଆଇନ୍ ସହ ଦ୍ୱନ୍ଦ୍ୱଗ୍ରସ୍ତ ବାଳୁତମାନଙ୍କୁ ନ୍ୟାୟିକ ପ୍ରତିବିଧାନ ଓ ଦଣ୍ଡବିଧାନ ପରିବର୍ତ୍ତେ ସେମାନଙ୍କ ଦ୍ୱାରା ସମ୍ପାଦିତ ହେବାକୁ ଥିବା ସେହି ସେବାକାର୍ଯ୍ୟ, ଯାହାକି ଅପମାନଜନକ ଏବଂ ଅମାନବିକ ହୋଇନଥିବ ; ଏହାର ଉଦାହରଣଗୁଡିକ ଭିତରେ ନିମ୍ନୋକ୍ତ ଅନ୍ତର୍ଭୁକ୍ତ ହୋଇପାରେ :

(୧) ବଗିଚା ସଫେଇ ;

(୨) ସବସାଧାରଣ ବସ୍ତିର ଭଲମନ୍ଦରେ ଜଡିତ ହେବା ;

(୩) ନର୍ସିଂ ହୋମ୍ ମାନଙ୍କରେ ବରିଷ୍ଠ ନାଗରିକମାନଙ୍କର ସେବା କରିବା ;

(୪) ସ୍ଥାନୀୟ ଇଲାକାରେ ନିଆଁଲିଭା ବା ପୋଲିସ୍ ବିଭାଗକୁ ସହାୟତା;

(୫) ସ୍ଥାନୀୟ ଇଲାକାରେ ଥିବା ଗୋଟିଏ ଡାକ୍ତରଖାନା ବା ନର୍ସିଂହୋମ୍‌ରେ ସେବା ପ୍ରଦାନ ;

(୬) ଭିନ୍ନକ୍ଷମ ବାଳୁତମାନଙ୍କୁ ସେବା କାର୍ଯ୍ୟ ।

(ଆଇ) 'ଅନୁଷ୍ଠାନ'ର ଅର୍ଥ ଆଇନ୍‌ର ଧାରା ୮, ୯, ୩୪, ଧାରା ୩୪ର ଉପଧାରା (୩) ଏବଂ ଧାରା ୩୭ ଅଧୀନରେ ଯଥାକ୍ରମେ ପ୍ରତିଷ୍ଠିତ, ପ୍ରମାଣୀକୃତ ବା ସ୍ୱୀକୃତିପ୍ରାପ୍ତ ବା ପଞ୍ଜିକୃତ ହୋଇଥିବା ଏକ ପରିବେକ୍ଷଣ ଗୃହ, ବା ଏକ ସ୍ୱତନ୍ତ୍ର ଗୃହ ବା ଏକ ଶିଶୁ ଗୃହ ବା ଏକ ଆଶ୍ରୟ ଗୃହ ;

(ଜେ) 'ଭାରପ୍ରାପ୍ତ ଅଧିକାରୀ' ବା ସରକାରଙ୍କ ଦ୍ୱାରା ଘୋଷିତ ହୋଇଥିବା ଏତଦ୍ଦୃଶ କୌଣସି ନାମକରଣର ଅର୍ଥ ଅନୁଷ୍ଠାନର ନିୟନ୍ତ୍ରଣ ଏବଂ ପରିଚାଳନା ପାଇଁ ନିଯୁକ୍ତ ହୋଇଥିବା ଜଣେ ବ୍ୟକ୍ତି;

(କେ) 'ଅନାଥ' କହିଲେ ଏଭଳି ଜଣେ ଶିଶୁ ଯାହାର ପିତାମାତା ନାହାନ୍ତି ଏବଂ ସଦିଚ୍ଛା ଥିବା ଏବଂ ସମର୍ଥ ହୋଇଥିବା ଆଇନ୍-ସମ୍ମତ ବା ସ୍ୱାଭାବିକ ଅଭିଭାବକ ନାହାନ୍ତି ;

(ଏଲ୍) 'ନିରାପଦ ସ୍ଥାନ' କହିଲେ ଆଇନ୍ ସହ ଦ୍ୱନ୍ଦ୍ୱଗ୍ରସ୍ତ କିଶୋରମାନଙ୍କ ପାଇଁ ବା ବାଳୁତମାନଙ୍କ ପାଇଁ ଆଇନ୍‌ର ଧାରା ୧୨ର ଉପଧାରା (୩) ଏବଂ ଧାରା ୧୬ର ଉପଧାରା (୧) ଅଧୀନରେ ପ୍ରତିଷ୍ଠିତ ଏବଂ ସ୍ୱୀକୃତିପ୍ରାପ୍ତ ହୋଇଥିବା ଏକ ଅନୁଷ୍ଠାନ ;

(ଏମ୍) 'ସ୍ୱୀକୃତିପ୍ରାପ୍ତ' କହିଲେ ସେହି ବ୍ୟକ୍ତି, ଯାହାଙ୍କୁ କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷ ଉପଯୁକ୍ତ ବୋଲି ମନେ କରନ୍ତି ବା ସେହି ଅନୁଷ୍ଠାନ, ଯାହାକୁ ଆଇନ୍‌ର ଧାରା ୨ ଅନ୍ତର୍ଗତ ଉପଧାରା (ଏଚ୍) ଏବଂ (ଆଇ) ଅନୁଯାୟୀ କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷଙ୍କ ସୁପାରିଶ୍ କ୍ରମେ ରାଜ୍ୟ ସରକାର ଉପଯୁକ୍ତ ମନେ କରନ୍ତି; ଅଥବା କୌଣସି ଏକ ଅନୁଷ୍ଠାନ ବା ସଂସ୍ଥା ବା ସ୍ୱେଚ୍ଛାସେବୀ ଅନୁଷ୍ଠାନକୁ ଏକ ଶିଶୁଗୃହ, ପରିବେକ୍ଷଣ ଗୃହ ବା ସ୍ୱତନ୍ତ୍ର ଗୃହ ରୂପେ କାର୍ଯ୍ୟ କରିବା ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ସ୍ୱୀକୃତି ପ୍ରଦାନ ବା ଆଇନ୍‌ର ଧାରା ୩୭ର ଉପଧାରା (୧), ଧାରା ୪୧ର ଉପଧାରା (୪) ଏବଂ ଧାରା ୪୪ର ଅଣଉପଧାରା (ଏ) ଅଧୀନରେ ପରିଚାଳିତ ଏକ ଆଶ୍ରୟ ଗୃହ, ପାରଦର୍ଶୀ ପୋଷ୍ୟତା ସଂସ୍ଥା ବା ଉତ୍ତର ଯତ୍ନ ସଂଗଠନ ;

(ଏନ୍) 'ପଂଜିକୃତ' କହିଲେ ଯତ୍ନ ଓ ସୁରକ୍ଷା ଲୋଡୁଥିବା ବାଳୁତଙ୍କୁ ଆଶ୍ରୟଗୃହରେ ଯତ୍ନ ପ୍ରଦାନ କରୁଥିବା ସେହିସବୁ ଅନୁଷ୍ଠାନ, ସଂସ୍ଥା ବା ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଯେଉଁଗୁଡିକ ଧାରା ୩୪ର ଉପଧାରା (୩) ଅଧୀନରେ ପଂଜିକୃତ ହୋଇଥାନ୍ତି ;

(ଓ) କେନ୍ଦ୍ରଶାସିତ ଅଞ୍ଚଳ ପରିପ୍ରେକ୍ଷୀରେ 'ରାଜ୍ୟ ସରକାର' କହିଲେ ସମ୍ବିଧାନର ଧାରା ୨୩୯ ଅଧୀନରେ ରାଷ୍ଟ୍ରପତିଙ୍କ ଦ୍ୱାରା ସେହି କେନ୍ଦ୍ରଶାସିତ ଅଞ୍ଚଳ ପାଇଁ ନିଯୁକ୍ତ ହୋଇଥିବା ପ୍ରଶାସକ ;

(ପି) 'ପଥଚାରୀ ଏବଂ ଶ୍ରମରତ ବାଳୁତ' କହିଲେ ସେହିସବୁ ବାଳୁତ, ଯେଉଁମାନଙ୍କୁ ଆଇନ୍‌ର ଧାରା ୨ ଅନ୍ତର୍ଗତ ଦଫା (ଡି)(୧)ରେ ବର୍ଣ୍ଣିତ ହୋଇଥିବା ବ୍ୟବସ୍ଥାଗୁଡିକ ଅନୁଯାୟୀ କୌଣସି ସୁଦୃଶ୍ୟ ଜୀବିକା, ଯତ୍ନ , ସୁରକ୍ଷା ଏବଂ ସହାୟତା ଉପଲବ୍ଧ ନଥାଏ ;

(କ୍ୟୁ) 'ସମର୍ପିତ ଶିଶୁ' କହିଲେ ସେହି ଶିଶୁ, ଯାହାକୁ ପିତାମାତା ବା ଅଭିଭାବକଙ୍କ ନିୟନ୍ତ୍ରଣ ବାହାରେ ଥିବା ଶାରିରୀକ, ଭାବାବେଗଗତ ବା ସାମାଜିକ କାରଣମାନ ପାଇଁ ବର୍ଜନ କରାଯାଇଛି ବୋଲି କମିଟି ମତ ଦେଇଛନ୍ତି ;

(ଆର୍) ଯେଉଁସବୁ ଶବ୍ଦ ଏବଂ ଅଭିବ୍ୟକ୍ତି ଆଇନ୍‌ରେ ସଂଜ୍ଞାୟିତ ହେବା ସହିତ ବ୍ୟବହୃତ ହୋଇଛି, କିନ୍ତୁ ଏହି ନିୟମାବଳୀରେ ସଂଜ୍ଞାୟିତ ହୋଇନାହିଁ, ସେଗୁଡିକ ସେହି ଅର୍ଥ ବହନ କରିବ, ଯାହାକି ଆଇନ୍‌ରେ ନ୍ୟସ୍ତ କରଯାଇଛି ।

## ଅଧ୍ୟାୟ-୨ : କିଶୋର ନ୍ୟାୟ ଏବଂ ବାଳୁତ ସୁରକ୍ଷା ବିଷୟରେ ମୌଳିକ ନୀତିସମୂହ

୩.  **ଏହି ନିୟମାବଳୀକୁ କାର୍ଯ୍ୟରୂପ ଦେଲାବେଳେ ଅନୁସରଣୀୟ ମୌଳିକ ନୀତିସମୂହ-**

(୧) ଏହି ନିୟମାବଳୀକୁ କାର୍ଯ୍ୟକାରୀ କଲାବେଳେ ଯଥାସ୍ଥିତି ରାଜ୍ୟସରକାର, କିଶୋର ନ୍ୟାୟ ପରିଷଦ, ବାଳୁତ କଲ୍ୟାଣ କମିଟି ବା ଅନ୍ୟାନ୍ୟ କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷ ଏବଂ ସଂସ୍ଥାଗଣ ଉପନିୟମ (୨)ରେ ବିନିର୍ଦ୍ଦିଷ୍ଟ ହୋଇଥିବା ନୀତିସମୂହକୁ ପାଳନ କରିବେ ତଥା ତଦ୍ୱାରା ପରିଚାଳିତ ହେବେ ।

(୨) ଆଇନ୍ ଏବଂ ଏହା ଅଧୀନରେ ପ୍ରଣୀତ ନିୟମାବଳୀର ପ୍ରୟୋଗ, ବ୍ୟାଖ୍ୟା ଏବଂ କାର୍ଯ୍ୟାନ୍ୱୟନ କ୍ଷେତ୍ରରେ ଅନ୍ୟବିଷୟ ସହିତ ନିମ୍ନୋକ୍ତ ନୀତିସମୂହ ମୌଳିକ ବୋଲି ବିବେଚିତ ହେବ :

୧. **ନିରପରାଧ ବୋଲି ପୂର୍ବାନୁମାନ କ୍ଷେତ୍ରରେ ପ୍ରଯୁଜ୍ୟ ନୀତି:**

(ଏ) ଅଠରବର୍ଷରେ ପହଞ୍ଚି ନଥିବା ଜଣେ କିଶୋର ବା ବାଳୁତ ବା ଆଇନ୍ ସହ ଦ୍ୱନ୍ଦ୍ୱଗ୍ରସ୍ଥ ଜଣେ କିଶୋର କ୍ଷେତ୍ରରେ ଏହା ଧରି ନିଆଯିବ ଯେ କୌଣସି ଦୁରଭିସନ୍ଧି ବା ଅପରାଧ ଘଟାଇବାର ମାନସିକତା ତାଙ୍କର ନଥିଲା ।

(ବି) ପ୍ରାଥମିକ ସ୍ତରର ସଂସ୍ପର୍ଶରୁ ଆରମ୍ଭ କରି ଉତ୍ତର-ଯତ୍ନ ସମେତ ବିକଳ୍ପ ଯତ୍ନ ବ୍ୟବସ୍ଥା ପର୍ଯ୍ୟନ୍ତ ନ୍ୟାୟ ଏବଂ ସୁରକ୍ଷାର ସମଗ୍ର ପ୍ରକ୍ରିୟା ଭିତରେ କିଶୋର ଏବଂ ଆଇନ୍ ସହ ଦ୍ୱନ୍ଦ୍ୱଗ୍ରସ୍ଥ କିଶୋର ବା ଜଣେ ବାଳୁତ ନିରପରାଧ ବୋଲି ଧରି ନିଆଯିବ ବୋଲି ବାଳୁତର ଯେଉଁ ଅଧିକାର ରହିଛି, ତାହାକୁ ମର୍ଯ୍ୟାଦା ଦିଆଯିବ ।

(ସି) ନିଜର ଜୀବନରକ୍ଷା ପାଇଁ ବା ପାରିବେଶିକ ବା ପରିସ୍ଥିତିଗତ କାରଣମାନ ପାଇଁ ଅଥବା ବୟସ୍କ କିମ୍ବା ସାଥୀମାନଙ୍କ ଦ୍ୱାରା ପରିଚାଳିତ ହୋଇ ଯଦି ଜଣେ କିଶୋର ବା ବାଳୁତ ବା ଆଇନ୍ ସହ ଦ୍ୱନ୍ଦ୍ୱଗ୍ରସ୍ଥ ଜଣେ କିଶୋର କୌଣସି ବେଆଇନ୍ କାର୍ଯ୍ୟ ଘଟାଇଥାନ୍ତି, ତେବେ ତାହାକୁ ନିରପରାଧତା ନୀତି ପରିସର ଭିତରେ ଅନ୍ତର୍ଭୁକ୍ତ କରାଯିବ ।

(ଡି) ପ୍ରାକ୍-ସିଦ୍ଧ ନିରପରାଧତାର ମୌଳିକ ଉପାଦାନଗୁଡିକ ହେଲା-

(୧) **ନିରପରାଧତାର ବୟସ-** ନିରପରାଧତାର ବୟସ ହେଉଛି ସେହି ବୟସ ଯାହାଠାରୁ କମ୍ ବୟସର ଜଣେ କିଶୋର ବା ବାଳୁତ ବା ଆଇନ୍ ସହ ଦ୍ୱନ୍ଦ୍ୱଗ୍ରସ୍ଥ ଜଣେ କିଶୋରଙ୍କୁ ଫୌଜଦାରୀ ନ୍ୟାୟ ବ୍ୟବସ୍ଥା ଅଧୀନରେ ବିଚାର କରାଯାଇ ପାରିବନି । ବେଜିଂ ନିୟମ-୪(୧) ସ୍ୱଷ୍ଟଭାବେ ସୂଚାଇଛି, "ମାନସିକ ଏବଂ ବୌଦ୍ଧିକ ପରିପକ୍ୱତା କ୍ଷେତ୍ରରେ ରହିଥିବା ବାସ୍ତବ ସତ୍ୟକୁ

ଦୃଷ୍ଟିରେ ରଖି  ଫୌଜଦାରୀ ଦାୟଦାୟିତ୍ୱର ପ୍ରାରମ୍ଭିକ ବୟସ ନିର୍ଦ୍ଧାରଣ କ୍ଷେତ୍ରରେ ଅତି ସ୍ୱଳ୍ପ ସ୍ତରର ବୟସକୁ ମାନଦଣ୍ଡ ବୋଲି ଧରାଯିବ ନାହିଁ" । ଏହି ନୀତି ସହିତ ସଂଗତି ରକ୍ଷା କରି ସାରା ବିଶ୍ୱରେ ଏହା ଅନୁଭବ କରାଗଲା ଯେ, ଅଠର ବର୍ଷରୁ କମ୍ ଜଣେ କିଶୋର ବା ବାଳୁତ ବା ଆଇନ୍ ସହ ଦ୍ୱନ୍ଦ୍ୱଗ୍ରସ୍ତ ଜଣେ କିଶୋରର ମାନସିକ ଏବଂ ବୌଦ୍ଧିକ ପରିପକ୍ୱତା ଏଥିପାଇଁ ଯଥେଷ୍ଟ ନୁହେଁ ।

(୨) **ନିରପରାଧତାର ସୁରକ୍ଷା ପାଇଁ ଉଦ୍ଦିଷ୍ଟ କାର୍ଯ୍ୟବିଧି**- ସମ୍ବିଧାନ ଏବଂ ଅନ୍ୟାନ୍ୟ ବିଧିବିଧାନରେ ବୟସ୍କମାନଙ୍କ ପାଇଁ କାର୍ଯ୍ୟବିଧି ପ୍ରକ୍ରିୟାରେ ଯେଉଁସବୁ ସୁରକ୍ଷାମାନ ନିଶ୍ଚିତ କରାଯାଇଛି, ତତ୍ ସହିତ ଯେଉଁଗୁଡିକ କିଶୋର ବା ବାଳୁତର ପ୍ରାକ୍-ସିଦ୍ଧ ନିରପରାଧତାର ଅଧିକାରକୁ ସାବ୍ୟସ୍ତ କରିବାରେ ସହାୟକ ହେଉଛି, ସେସବୁକୁ ଜଣେ କିଶୋର ବା ବାଳୁତ ବା ଆଇନ୍ ସହ ଦ୍ୱନ୍ଦ୍ୱଗ୍ରସ୍ତ ଜଣେ କିଶୋର କ୍ଷେତ୍ରରେ ସୁନିଶ୍ଚିତ କରିବାକୁ ପଡିବ ।

(୩) **ବାଦାର୍ଥ ଆଇନ୍ ସହୟତା ଏବଂ ଅଭିଭାବକ ବ୍ୟବସ୍ଥା**- ଆଇନ୍ ସହ ଦ୍ୱନ୍ଦ୍ୱଗ୍ରସ୍ତ ଜଣେ କିଶୋର ତାଙ୍କ ବିରୁଦ୍ଧରେ ଆଗତ ଦୋଷାରୋପ ବିଷୟରେ ଅବଗତ ହେବା ପାଇଁ ହକ୍‌ଦାର ଅଟନ୍ତି ଏବଂ ଉପଯୁକ୍ତ ବ୍ୟକ୍ତିଙ୍କ ଜରିଆରେ ସେ ନିଜକୁ ଆଇନ୍ ସାମନାରେ ପ୍ରତିନିଧିତ୍ୱ କରାଇବାର ଅଧିକାର ତାଙ୍କର ରହିଛି । ରାଜକୋଷରୁ ଅର୍ଥବ୍ୟୟ କରାଯାଇ ତାଙ୍କୁ ବାଦାର୍ଥ ଅଭିଭାବକ, ଆଇନ୍ ସହାୟତା ତଥା ଏଭଳି ଅନ୍ୟାନ୍ୟ ସହାୟତା ନିଶ୍ଚିତ ଭାବେ ଯୋଗାଇ ଦିଆଯିବାର ବ୍ୟବସ୍ଥା କରାଯିବ । ଜଣେ କିଶୋର ନିଜେ ସଂପୃକ୍ତ କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷଙ୍କ ସାମନାରେ ନିଜର ବୟାନ୍ ଦେବାର ଅଧିକାର ମଧ୍ୟ ଉକ୍ତ ବ୍ୟବସ୍ଥାସମୂହ ଭିତରେ ଅନ୍ତର୍ଭୁକ୍ତ ।

**୨. ସ୍ୱମର୍ଯ୍ୟାଦା ଏବଂ ସ୍ୱମୂଲ୍ୟ ନୀତି-**

(ଏ) ଗୋଟିଏ ବାଳୁତର ସ୍ୱମର୍ଯ୍ୟାଦା ଏବଂ ସ୍ୱମୂଲ୍ୟ ଭାବନା ସହିତ ସଂଗତି ରକ୍ଷା କରି ତା ସହିତ ଆଚରଣ କରିବା ହେଉଛି କିଶୋର ନ୍ୟାୟ ନୀତିର ଏକ ମୌଳିକ ସିଦ୍ଧାନ୍ତ । ଏହି ନୀତି ପ୍ରତିଫଳନ କରୁଛି ସାର୍ବଜନୀନ ମାନବାଧିକାର ଘୋଷଣାନାମାର ଧାରା୧-    ସମସ୍ତ ମଣିଷ ସ୍ୱାଧୀନ ହୋଇ ଜନ୍ମଗ୍ରହଣ କରିଛନ୍ତି ଏବଂ ସେମାନଙ୍କର ସମାନ ମର୍ଯ୍ୟାଦା ଏବଂ ଅଧିକାରସମୂହ ରହିଛି । ମର୍ଯ୍ୟାଦା ପ୍ରତି ସମ୍ମାନ ପ୍ରଦର୍ଶନ ଭିତରେ ଅନ୍ତର୍ଭୁକ୍ତ ରହିଛି କାହାରିକୁ ଅପମାନ ନକରିବା, ପ୍ରତ୍ୟେକଙ୍କର ନିଜସ୍ୱ ପରିଚୟ, ପରିସୀମା ଏବଂ ପରିସରକୁ ସମ୍ମାନ

ଦେବା, କାହାରିକୁ ଅପବାଦ ବା କଳଙ୍କ-ଆରୋପ ନକରିବା, ପ୍ରତ୍ୟେକଙ୍କୁ ସୂଚନା ଦେବା ଏବଂ ବିଭିନ୍ନ ବିକଳ୍ପଗୁଡିକୁ ତାଙ୍କ ସାମନାରେ ଥୋଇବା, ଏବଂ କାହାରିକୁ ତାଙ୍କର କାର୍ଯ୍ୟପାଇଁ ନିନ୍ଦା ନକରିବା ।

(ବି) ପ୍ରଥମେ ଆଇନ୍ ନର୍ବାହକ ସଂସ୍ଥାମାନଙ୍କ ସଂସ୍ପର୍ଶରେ ଆସିବା ମୁହୂର୍ତ୍ତରୁ ବାଳୁତ ମାନଙ୍କ ସଂପର୍କୀତ ସମସ୍ତ ପଦକ୍ଷେପକୁ କାର୍ଯ୍ୟକାରୀ କରିବାର ସମଗ୍ର ପ୍ରକ୍ରିୟାରେ ଜଣେ କିଶୋର ବା ଜଣେ ବାଳୁତର ସ୍ୱମର୍ଯ୍ୟାଦା ଏବଂ ସ୍ୱମୂଲ୍ୟର ଭାବନାକୁ ସମ୍ମାନ ଓ ସୁରକ୍ଷା ଦେବା ଜରୁରୀ ।

**୩. ନିଜ ବୟାନ୍ ଶୁଣେଇବାର ଅଧିକାର-**

ନିଜର ସ୍ୱାର୍ଥକୁ ପ୍ରଭାବିତ କରୁଥିବା ଯେ କୌଣସି ବିଷୟରେ ନିଜର ମତାମତ ପ୍ରକାଶ କରିବାର ଅଧିକାର ଜଣେ ବାଳୁତର ରହିଛି, ଏବଂ ଅଧିକାରକୁ କିଶୋର ନ୍ୟାୟ ପ୍ରକ୍ରିୟାର ପ୍ରତି ପର୍ଯ୍ୟାୟରେ ସଂପୂର୍ଣ୍ଣ ରୂପେ ସମ୍ମାନ ଦିଆଯିବ । ନିଜ ମତାମତ ଶୁଣେଇବା ପାଇଁ ବାଳୁତମାନଙ୍କର ଅଧିକାର ଭିତରେ ଅନ୍ତର୍ଭୁକ୍ତ ରହିବ- ବାଳୁତ ସହ ବାର୍ତ୍ତାଳାପ କରିବା ପାଇଁ, ବାଳୁତର ଜୀବନ ସଂବନ୍ଧରେ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ବାଳୁତର ସକ୍ରିୟ ସଂପୃକ୍ତି ପାଇଁ ତଥା ଚର୍ଚ୍ଚା ଓ ବିତର୍କର ସୁଯୋଗ ଦେବା ପାଇଁ ସଂପୃକ୍ତ ବାଳୁତର ବିକାଶର ସ୍ତର ଅନୁଯାୟୀ ଉପଯୁକ୍ତ ଯନ୍ତ୍ରପାତି ଏବଂ ପ୍ରକ୍ରିୟାସମୂହର ପସ୍ତୁତି ।

**୪. 'ସର୍ବୋତ୍ତମ ସ୍ୱାର୍ଥ' ନୀତି-**

(ଏ) କିଶୋର ନ୍ୟାୟ ପାଇଁ ଉଦ୍ଦିଷ୍ଟ ବ୍ୟବସ୍ଥା ଭିତରେ ଯାହାକିଛି ନିଷ୍ପତ୍ତି ଗ୍ରହଣ କରାଯିବ, ସେଥିରେ ଜଣେ କିଶୋର ବା ଆଇନ୍ ସହ ଦ୍ୱନ୍ଦ୍ୱଗ୍ରସ୍ତ ଜଣେ କିଶୋର ବା ଜଣେ ବାଳୁତର ସର୍ବୋତ୍ତମ ସ୍ୱାର୍ଥ ସାଧନର ନୀତିକୁ ପ୍ରମୁଖ ମାନ୍ୟତା ଦିଆଯିବ ।

(ବି) ଦୃଷ୍ଟାନ୍ତ ସ୍ୱରୂପ, ଜଣେ କିଶୋର ବା ଆଇନ୍ ସହ ଦ୍ୱନ୍ଦ୍ୱଗ୍ରସ୍ତ ଜଣେ କିଶୋର ବା ଜଣେ ବାଳୁତର ସର୍ବୋତ୍ତମ ସ୍ୱାର୍ଥର ଅର୍ଥ ହେଲା, ଗତାନୁଗତିକ ଫୌଜଦାରୀ ନ୍ୟାୟ ଯେଉଁ ଉଦ୍ଦେଶ୍ୟରେ ପରିଚାଳିତ ହୋଇଥାଏ, ଯଥା ପ୍ରତିହିଂସା ଓ ଦମନ, ତାହା ବଦଳରେ କିଶୋର ନ୍ୟାୟର ଉଦ୍ଦେଶ୍ୟ, ଯଥା ଥଇଥାନ ଓ ପୁନରୁଦ୍ଧାର ଅଗ୍ରାଧିକାର ଲାଭ କରିବ ।

(ସି) ଏହି ନୀତି ଆଇନ୍ ସହ ଦ୍ୱନ୍ଦ୍ୱଗ୍ରସ୍ତ ଜଣେ କିଶୋର ବା ଜଣେ ବାଳୁତର ଶାରିରୀକ, ଭାବଗତ, ବୌଦ୍ଧିକ, ସାମାଜିକ ଏବଂ ନୈତିକ ବିକାଶକୁ ସୁନିଶ୍ଚିତ କରିବାକୁ ଚାହିଁଥାଏ, ଯାହା ଫଳରେ ପ୍ରତି ବାଳୁତର ସୁରକ୍ଷା, କଲ୍ୟାଣ ଏବଂ

ସ୍ଥାୟୀ ବ୍ୟବସ୍ଥା ସୁନିଶ୍ଚିତ ହୋଇପାରିବ ତଥା ତଦ୍ୱାରା ପ୍ରତି ବାଳୁତର ଯେପରି ଜୀବନ ରକ୍ଷା ହେବ ଏବଂ ତା' ଭିତରେ ନିହିତ ଥିବା ସଂଭାବନାର ସଂପୂର୍ଣ୍ଣ ବିକାଶ ଘଟିପାରିବ, ସେଥିପାଇଁ ସେହି ବାଳୁତକୁ ସମର୍ଥ କରିହେବ ।

୫. **ପାରିବାରିକ ଦାୟିତ୍ୱ ନୀତି-**

(ଏ) ବାଳୁତମାନଙ୍କର ଦେଖାଶୁଣା କରିବା ତଥା ସେମାନଙ୍କୁ ଯତ୍ନ, ସହାୟତା ଓ ସୁରକ୍ଷା ଯୋଗାଇଦେବାର ପ୍ରାଥମିକ ଦାୟିତ୍ୱ ହେଉଛି ବାଳୁତକୁ ଜନ୍ମ ଦେଇଥିବା ପିତାମାତାଙ୍କର । କିନ୍ତୁ କେତେକ ବିଶେଷ ସ୍ଥିତିରେ, ଏହି ଦାୟିତ୍ୱ ଇଚ୍ଛୁକ ଥିବା ପୋଷକ ପିତାମାତା ବା ପାଳକ ପିତାମାତାଙ୍କୁ ଅର୍ପଣ କରାଯାଇପାରେ ।

(ବି) କେବଳ ଯେଉଁ ସ୍ଥଳେ ବାଳୁତର ସର୍ବୋତ୍ତମ ସ୍ୱାର୍ଥ ଦୃଷ୍ଟିରୁ ଅନ୍ୟଥା କରିବା ଆବଶ୍ୟକ, ସେଭଳି ସ୍ଥିତିକୁ ଛାଡି ସର୍ବଦା ବାଳୁତ ସଂବନ୍ଧୀୟ କୌଣସି ନିଷ୍ପତ୍ତି ନିଆଯିବା ବେଳେ ବାଳୁତର ମୂଳ ପରିବାରକୁ ଜଡିତ କରାଯିବ ।

(ସି) କେବଳ ଯେଉଁ ସ୍ଥଳେ ବାଳୁତର ସର୍ବୋତ୍ତମ ସ୍ୱାର୍ଥ ଦୃଷ୍ଟିରୁ ଗୃହୀତ ହୋଇଥିବା ପଦକ୍ଷେପ ବା ଆଦେଶ ଅନ୍ୟଥା ଆବଶ୍ୟକ କରିଥାଏ, ସେଭଳି ସ୍ଥିତିକୁ ଛାଡିଦେଲେ ଜଣେ ବାଳୁତ ପାଇଁ ତା'ର ଜନ୍ମଦାତା, ପୋଷକ ବା ପାଳକ (ଏହି ଶୃଙ୍ଖଳାରେ) ପରିବାର ଉତ୍ତରଦାୟୀ ରହିବେ ଏବଂ ଆଇନ୍ ଅନୁଯାୟୀ ତାଙ୍କର ଯତ୍ନ ଏବଂ ହେପାଜତ୍ ଅଧୀନରେ ଥିବା କିଶୋର ବା ବାଳୁତକୁ ନିଶ୍ଚିତ ରୂପେ ଆବଶ୍ୟକୀୟ ଯତ୍ନ, ସହାୟତା ଏବଂ ସୁରକ୍ଷା ଯୋଗାଇଦେବେ ।

୬. **ନିରାପତ୍ତାର ନୀତି (କୌଣସି କ୍ଷତି, ଦୁର୍ବ୍ୟବହାର, ଅବହେଳା, ଶୋଷଣ ବା ଅନାଚାର ନକରିବା)-**

(ଏ) ବାଳୁତ ସହିତ ପ୍ରଥମ ସଂସ୍ପର୍ଶ ହେବା ଠାରୁ ଯେତେବେଳ ପର୍ଯ୍ୟନ୍ତ ତାକୁ ଯତ୍ନ ଏବଂ ସୁରକ୍ଷା ବ୍ୟବସ୍ଥା ଅଧୀନରେ ରଖାଯିବ, ତହିଁର କୌଣସି ପର୍ଯ୍ୟାୟରେ କି ପରବର୍ତ୍ତୀ ସମୟରେ ଜଣେ କିଶୋର ବା ବାଳୁତ ବା ଆଇନ୍ ସହ ଦ୍ୱନ୍ଦ୍ୱଗ୍ରସ୍ତ ଜଣେ କିଶୋରକୁ କୌଣସି କ୍ଷତି, ଦୁର୍ବ୍ୟବହାର, ଅବହେଳା, ଶୋଷଣ ବା ଅନାଚାର କରାଯିବ ନାହିଁ ବା ଶାରିରୀକ ଦଣ୍ଡ ଦିଆଯିବ ନାହିଁ ଅଥବା ନିସଙ୍ଗ ବା ଅନ୍ୟ କୌଣସି ପ୍ରକାର ଆବଦ୍ଧାବସ୍ଥାରେ ରଖାଯିବ ନାହିଁ, ତଥା ସଂପୃକ୍ତ

କିଶୋର ବା ବାଳୁତର ଭାବାବେଗକୁ ଯେପରି କୌଣସି କ୍ଷତି ନ ପହଞ୍ଚେ, ସେଥି ପ୍ରତି ସର୍ବୋତ୍ତମ ଯତ୍ନ ନିଆଯିବ ।

(ବି) ଯତ୍ନ ଓ ସୁରକ୍ଷା ନାଁରେ ରାଷ୍ଟ୍ର ବିଭିନ୍ନ କଟକଣାମୂଳକ ପଦକ୍ଷେପ ଏବଂ କାର୍ଯ୍ୟଧାରା ଗ୍ରହଣ କରିବାରୁ ବିରତ ରହି ନିଜ ଯତ୍ନ ଏବଂ ସୁରକ୍ଷା ଅଧୀନରେ ଥିବା ପ୍ରତି ବାଳୁତର ନିରାପତ୍ତାକୁ ସୁନିଶ୍ଚିତ କରିବା ପାଇଁ ରାଷ୍ଟ୍ରର ଏକ ବୃହତ୍ତର ଦାୟିତ୍ୱ ରହିଛି ।

## ୭. ସକାରାତ୍ମକ ପଦକ୍ଷେପସମୂହ-

(ଏ) ସକାରାତ୍ମକ ପଦକ୍ଷେପମାନ ନିଆଯିବା ଦିଗରେ ନିଶ୍ଚିତ ରୂପେ ବ୍ୟବସ୍ଥା କରାଯିବା ଜରୁରୀ, ଏବଂ ଏଥିପାଇଁ ପ୍ରତି କିଶୋର ବା ବାଳୁତ ପାଇଁ ସୁପ୍ରସ୍ତୁତ ଯୋଜନା ପ୍ରଣୟନ ମାଧ୍ୟମରେ ସଂପୃକ୍ତ କିଶୋର ବା ବାଳୁତର କଲ୍ୟାଣବିଧାନ ଉଦ୍ଦେଶ୍ୟରେ ପରିବାର, ସ୍ୱେଚ୍ଛାସେବୀଗଣ ଏବଂ ଜନଗୋଷ୍ଠୀର ଅନ୍ୟାନ୍ୟ ସଂଗଠନ ତଥା ସ୍କୁଲ୍ ଏବଂ ଜନଗୋଷ୍ଠୀର ଅନ୍ୟାନ୍ୟ ମୁଖ୍ୟସ୍ରୋତ ଅନୁଷ୍ଠାନ ଏବଂ ପ୍ରକ୍ରିୟାସମୂହକୁ ଜଡିତ କରାଇବା ସହିତ ସମସ୍ତ ସମ୍ଭାବ୍ୟ ସମ୍ବଳକୁ ସଂପୂର୍ଣ୍ଣ ଭାବେ ଉପଯୋଗ କରାଯିବ ।

(ବି) ସକାରାତ୍ମକ ପଦକ୍ଷେପଗୁଡିକର ଲକ୍ଷ୍ୟ ହେବ, ସଂପୃକ୍ତ କିଶୋର ବା ବାଳୁତର ନିସହାୟ ଅବସ୍ଥାକୁ ହ୍ରାସ କରିବା ଏବଂ ଆଇନ୍ ଅଧୀନରେ କୌଣସି ପ୍ରତିକାରାତ୍ମକ ପଦକ୍ଷେପ ନେବାର ଆବଶ୍ୟକତାକୁ ହ୍ରାସ କରିବା ତଥା ସଂପୃକ୍ତ କିଶୋର ବା ବାଳୁତ ପ୍ରତି ଉପଯୁକ୍ତ, ଯଥୋଚିତ ଏବଂ ମାନବିକ ବ୍ୟବହାର ପ୍ରଦର୍ଶନ କରିବା ।

(ସି) ସକାରାତ୍ମକ ପଦକ୍ଷେପଗୁଡିକ ଭିତରେ ଅନ୍ତର୍ଭୁକ୍ତ ରହିବ ସ୍ୱାସ୍ଥ୍ୟ, ଶିକ୍ଷା, ସଂପର୍କ, ଜୀବିକା, ବିଶ୍ରାମ, ସୃଜନଶୀଳତା ଏବଂ ଖେଳକୁଦ ପାଇଁ ସୁଯୋଗମାନ ।

(ଡି) ବାଳୁତମାନଙ୍କର ନିଜସ୍ୱ ପରିଚୟର ବିକାଶ ତଥା ସେମାନଙ୍କର ବିକାଶ ପାଇଁ ଏକ ସର୍ବାତ୍ମକ ଏବଂ ସହାୟକ ପରିବେଶ ଯୋଗାଇଦେବାରେ ଏତାଦୃଶ ସକାରାତ୍ମକ ପଦକ୍ଷେପଗୁଡିକ ନିଶ୍ଚିତ ରୂପେ ସହାୟକ ହେବ ।

## ୮. ଅପବାଦ-ସୂଚକ ଶବ୍ଦାବଳୀ, ନିଷ୍ପତ୍ତି ଏବଂ କାର୍ଯ୍ୟକୁ ବାରଣ କରାଯିବାର ନୀତି-

କୌଣସି ଅପବାଦ-ସୂଚକ ଭାଷା ବ୍ୟବହାର କରାଯାଇ ପାରିବ ନାହିଁ ବୋଲି ଆଇନ୍ ଯେପରି କହିଛି, ତାହାକୁ କଡାକଡି ଭାବେ ପାଳନ କରିବାକୁ ପଡିବ, ଏବଂ ଆଇନ୍ ସହ ଦ୍ୱନ୍ଦ୍ୱଗ୍ରସ୍ଥ କିଶୋର କି ବାଳୁତ ସଂପର୍କରେ ଏହି ଆଇନ୍ ଅଧୀନରେ ଯେଉଁସବୁ କାର୍ଯ୍ୟବିଧି ସ୍ଥାନିତ କରାଯାଇଛି, ସେଥିରେ ସେହିସବୁ ଶବ୍ଦାବଳୀ ବ୍ୟବହାରକୁ ନିଷିଦ୍ଧ କରାଯାଇଛି, ଯାହାକି ଜଣେ ପ୍ରତିପକ୍ଷ ପ୍ରତି ବା ଆକ୍ଷେପ ଉଦ୍ଦେଶ୍ୟରେ ବ୍ୟବହାର କରାଯାଇଥାଏ, ଯଥା ଗିରଫ, ହାଜତକୁ ପ୍ରେରଣ, ଦୋଷୀ, ଅଭିଯୋଗ ଫର୍ଦ୍ଦ, ବିଚାର, ଅଭିଯୋଜନ, ୱାରେଣ୍ଟ, ସମନ୍, ଦଣ୍ଡବିଧାନ, କଏଦୀ, ବିପଥଗାମୀ, ଉପେକ୍ଷିତ, ହାଜତ୍ ବା ଜେଲ୍ ।

**୯. ଅଧିକାରସମୂହର ପ୍ରତ୍ୟାହାର ଉପରେ ବାରଣ ନୀତି-**

(ଏ) ଆଇନ୍ ସହ ଦ୍ୱନ୍ଦ୍ୱଗ୍ରସ୍ଥ ଜଣେ ବାଳୁତ ବା କିଶୋରର ଯେଉଁସବୁ ଅଧିକାର ରହିଛି, ତାକୁ ସେ ନିଜେ ବା କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷ ବା ସଂପୃକ୍ତ ବାଳୁତ ବା କିଶୋର ତରଫରୁ କାର୍ଯ୍ୟ କରୁଥିବା ବା କାର୍ଯ୍ୟ କରୁଛି ବୋଲି ଦାବୀ କରୁଥିବା କୌଣସି ବ୍ୟକ୍ତି ପକ୍ଷେ ଉଲ୍ଲଂଘନ କରିବା ଆଦୌ ଅନୁମୋଦନୀୟ ବା ବିଧେୟ ନୁହେଁ ।

(ବି) ଏକ ମୌଳିକ ଅଧିକାରର ପ୍ରୟୋଗ ନକରିବା ପ୍ରତ୍ୟାହାର ବୋଲି ବିବେଚିତ ହେବନାହିଁ ।

**୧୦. ସମାନତା ଏବଂ ବାଛବଚାର ଉପରେ ବାରଣ-**

(ଏ) ଆଇନ୍ ସହ ଦ୍ୱନ୍ଦ୍ୱଗ୍ରସ୍ଥ ଜଣେ ବାଳୁତ ବା କିଶୋର ବିରୁଦ୍ଧରେ ବୟସ, ଲିଙ୍ଗ, ଜନ୍ମସ୍ଥାନ, ପଙ୍ଗୁତା, ସ୍ୱାସ୍ଥ୍ୟ, ସ୍ଥିତି, ବଂଶ, କୁଳ, ଧର୍ମ, ଜାତି, ସାଂସ୍କୃତିକ ପରମ୍ପରା, ପେଷା, କାର୍ଯ୍ୟ, କିମ୍ବା ଉକ୍ତ କିଶୋର ବା ବାଳୁତ ବା ତା'ର ପିତାମାତା ବା ଅଭିଭାବକର ବ୍ୟବହାର ବା ଉକ୍ତ କିଶୋର ବା ବାଳୁତର ନାଗରିକ ଓ ରାଜନୈତିକ ସ୍ଥିତି ଭିତ୍ତିରେ କୌଣସି ବାଛବିଚାର କରାଯିବ ନାହିଁ ।

(ବି) ଆଇନ୍ ସହ ଦ୍ୱନ୍ଦ୍ୱଗ୍ରସ୍ଥ ଜଣେ ବାଳୁତ ବା କିଶୋରକୁ ବିଭିନ୍ନ ସୁବିଧାସୁଯୋଗ କ୍ଷେତ୍ରରେ ସମାନ ଉପଭୋଗ ଏବଂ ସମାନ ଅଧିକାର, ତଥା ଆଇନ୍ ଦୃଷ୍ଟିରେ ସମାନ ଆଚରଣର ଗ୍ୟାରେଣ୍ଟି ଦିଆଯିବ ।

**୧୧. ଏକାନ୍ତତା ଏବଂ ଗୋପନୀୟତା ପାଇଁ ଅଧିକାରର ନୀତି-**

ଏକାନ୍ତତା ଏବଂ ଗୋପନୀୟତା ପାଇଁ ଜଣେ କିଶୋର ବା ବାଳୁତର ଅଧିକାରକୁ ସବୁମନ୍ତେ ସୁରକ୍ଷା ଦିଆଯିବ ଏବଂ କାର୍ଯ୍ୟବିଧି ଏବଂ ଯତ୍ନ ଓ ସୁରକ୍ଷା ପ୍ରକ୍ରିୟାର ପ୍ରତି ପର୍ଯ୍ୟାୟରେ ଏହାକୁ ସୁରକ୍ଷା ଦିଆଯିବ ।

**୧୨. ଶେଷ ଉପାୟ ନୀତି-**

ଯଥୋଚିତ ଅନୁସନ୍ଧାନ କରାଗଲା ପରେ ଆଇନ୍ ସହ ଦ୍ୱନ୍ଦ୍ୱଗ୍ରସ୍ଥ ଜଣେ ବାଳୁତ ବା କିଶୋରକୁ ଶେଷ ଉପାୟ ଭାବେ ଅନୁଷ୍ଠାନ ଜିମାରେ ଛଡା ଯାଇପାରେ ଏବଂ ତାହା ପୁଣି ଯଥାସମ୍ଭବ ସର୍ବନିମ୍ନ ସମୟ ଅବଧି ପାଇଁ ।

**୧୩. ପ୍ରତ୍ୟର୍ପଣ ଏବଂ ପୁନରାର୍ପଣ ନୀତି-**

(ଏ) ନିଜର ପରିବାର ସହିତ ପୁନର୍ମିଳିତ ହେବା ପାଇଁ ତଥା ଆଇନ୍‌ର ପରିସରଭୁକ୍ତ ହେବା ପୂର୍ବରୁ ବା ଅବହେଳା, ଦୁର୍ବ୍ୟବହାର ଅବା ଶୋଷଣର ଶିକାର ହେବା ପୂର୍ବରୁ ସଂପୃକ୍ତ କିଶୋର ବା ବାଳୁତ ଯେଉଁ ସାମାଜିକ-ଆର୍ଥିକ ଏବଂ ସାଂସ୍କୃତିକ ସ୍ଥିତି ଉପଭୋଗ କରୁଥିଲା, ତାକୁ ଫେରିବା ପାଇଁ ପ୍ରତି କିଶୋର ବା ବାଳୁତ ବା ଆଇନ୍ ସହ ଦ୍ୱନ୍ଦ୍ୱଗ୍ରସ୍ତ ପ୍ରତି କିଶୋରର ଅଧିକାର ରହିଛି ।

(ବି) ନିଜର ପରିବାର ସହିତ ସଂପର୍କ ହରାଇ ବସିଥିବା ଯେ କୌଣସି କିଶୋର ବା ବାଳୁତର ଏହି ଆଇନ୍ ଅଧୀନରେ ସୁରକ୍ଷା ଲାଭ କରିବାର ଅଧିକାର ରହିଛି, ଏବଂ ଯେଉଁସ୍ଥଳେ ସଂପୃକ୍ତ କିଶୋର ବା ବାଳୁତର ସର୍ବୋତ୍ତମ ସ୍ୱାର୍ଥ ଦୃଷ୍ଟିରୁ ପ୍ରତ୍ୟର୍ପଣ ବା ପୁନରାର୍ପଣ ଅସଂଗତ ହେବାର ଆଶଙ୍କା ରହିଛି, କେବଳ ସେହି ସ୍ଥିତିକୁ ବାଦ୍ ଦେଇ ଉକ୍ତ କିଶୋର ବା ବାଳୁତକୁ ଯଥାଶୀଘ୍ର ତା'ର ପରିବାର ନିକଟରେ ପ୍ରତ୍ୟର୍ପଣ ଏବଂ ପୁନରାର୍ପଣ କରାଯିବ ।

**୧୪. ନବଜୀବନର ଅୟମାରମ୍ଭ ନୀତି-**

(ଏ) ସମସ୍ତ ଅତୀତ ଘଟଣାର ସ୍ମୃତିକୁ ସୁନିଶ୍ଚିତ ଭାବେ ପୋଛି ଦେବା ମାଧ୍ୟମରେ ଆଇନ୍ ସହ ଦ୍ୱନ୍ଦ୍ୱଗ୍ରସ୍ତ ସଂପୃକ୍ତ ବାଳୁତ ବା କିଶୋର ପାଇଁ ଏକ ନୂଆ ଜୀବନର ଅୟମାରମ୍ଭକୁ ଏହି ନୀତି ପ୍ରୋତ୍ସାହନ ଦେବ ।

(ବି) ଯେଉଁ ବାଳୁତ ମାନେ ଦଣ୍ଡବିଧିକୁ ଉଲ୍ଲଂଘନ କରିଛନ୍ତି ବୋଲି ଅଭିଯୋଗ ହୋଇଥାଏ ବା ସୂଚନା ମିଳିଥାଏ, ସେଭଳି ବାଳୁତ ମାନଙ୍କ କ୍ଷେତ୍ରରେ ଅଦାଲତୀ କାର୍ଯ୍ୟବିଧିର ମାଧ୍ୟମ ପରିବର୍ତ୍ତେ ଅନ୍ୟ ପ୍ରକାର ପଦ୍ଧତି ଅବଲମ୍ବନ କରାଯିବା ପାଇଁ ଆବଶ୍ୟକୀୟ ପଦକ୍ଷେପସମୂହକୁ ରାଷ୍ଟ୍ର ପ୍ରୋତ୍ସାହନ ଦେବ ।